

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:87✦20 July 2026 (Monday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୮୭✦୨୦ ଜୁଲାଇ ୨୦୨୬ (ସୋମବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


### ଆଜିଠୁ ସଂସଦରେ ମୌସୁମୀ ଅଧିବେଶନ

## ଗୁରୁତ୍ୱପୂର୍ଣ୍ଣ ପ୍ରସଂଗରେ ଆଲୋଚନା ପାଇଁ ଦାବି ରିଖିଲା ବିଜେଡି



ଭୁବନେଶ୍ୱର,୧୯/୭(ନି/ପ୍ର): ଆସନ୍ତା କାଲିଠୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ। ପାଠ୍ୟ ପୁସ୍ତକ ତ୍ରୁଟି, ରାଜ୍ୟରେ ଆଇନଶୃଙ୍ଖଳା, କୋଲ୍ ରୟାଲଟିରୁ ଓଡ଼ିଶା ବଚିଂତ ହେବା ଭଳି ବିଭିନ୍ନ ପ୍ରସଙ୍ଗ ଉଠାଇବ ବିଜେଡି । ରବିବାର ସର୍ବଦଳୀୟ ବୈଠକ ବସିଥିବା ବେଳେ ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ ଉପସ୍ଥିତ ରହି ଅନେକ ଦାବି ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପୁସ୍ତକ ତ୍ରୁଟି ଯୋଗୁଁ ୪୦ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି କିନ୍ତୁ ଏହାକୁ ରାଜ୍ୟ ସରକାର ହାଲୁକା ଭାବେ ନେଉଛନ୍ତି । ସେହିପରି ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସ୍ୱତନ୍ତ୍ର ଆଲୋଚନା ପାଇଁ ଦାବି କରିଛି ବିଜେଡି । କୋଲ୍ ରୟାଲଟିରୁ ଓଡ଼ିଶା ବଚିଂତ ହେଉଛି । ଓଡ଼ିଶାକୁ ତା'ର ହକ୍ ମିଳିବା ଆବଶ୍ୟକ ରହିଛି । ସେହିପରି ଗଚ ଲ୍ୟାଡ୍ ଫଣ୍ଡ ଖର୍ଚ୍ଚ ନେଇ ବି ଉଦବେଗ୍ ପ୍ରକାଶ କରିଛନ୍ତି ମାନସ ମଙ୍ଗରାଜ। ସେ ଅଭିଯୋଗ କରିଛନ୍ତି କି ଗଚ ଲ୍ୟାଡ୍ ଖର୍ଚ୍ଚ କରାଇ ନଦେବାକୁ ଉଦ୍ୟମ ହେଉଛି। ଅର୍ଥ ପଡ଼ି ରହିଛି, ହେଲେ ଖର୍ଚ୍ଚ ହୋଇପାରୁନି । ଯେଉଁଠି ବି ଖର୍ଚ୍ଚ ହେଉଛି ସେଠାରେ ମନ୍ତ୍ରୀଙ୍କ ଫଳକ ଲାଗୁଛି। ଏହା ଉପରେ ଏକ ବିଶେଷ ଆଲୋଚନା ପାଇଁ ଦାବି ରଖିଛନ୍ତି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ । ଏହାଛଡ଼ା ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତିକୁ ନେଇ ଆଲୋଚନା ସହ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି, ଇଥାନଲ ମିଶ୍ରିତ ପେଟ୍ରୋଲ ସମସ୍ୟା ନେଇ ଆଲୋଚନା ପାଇଁ ବୈଠକରେ ବିଜେଡି ଦାବି ରଖିଛି ।

## ଇରାନର 'ବ୍ରହ୍ମାସ୍ତ୍ର' ମିସାଇଲ୍ !

### ଆମେରିକା-ଇସ୍ରାଏଲର ଡିଫେନ୍ସ ସିଷ୍ଟମ୍‌କୁ ବଡ଼ ଚ୍ୟାଲେଞ୍ଜ ?



ନୂଆଦିଲ୍ଲୀ, ୧୯/୭: ଯୁଦ୍ଧ ନିଆଁରେ ଜଳୁଛି ପଶ୍ଚିମ ଏସିଆ । ପ୍ରତିଦିନ ମିସାଇ ମାଡ଼, ବୋମା ବର୍ଷା । ଆକାଶରୁ ଖସୁଛି ନିଆଁ ହୁଳା । ହର୍ମୁଜ ପ୍ରଣାଳୀରେ ଚାଲିଛି ଶକ୍ତି ପ୍ରଦର୍ଶନ । ଇରାନ-ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଲାଗିଥିବା ଯୁଦ୍ଧ ଥମିବାର ନାଁ ଧରୁନାହିଁ । ଶାନ୍ତି ଚୁକ୍ତିର କେଇ ଘଟାଂ ଭିତରରେ ଅସ୍ତ୍ର ବିରତି ଉଲ୍ଲଙ୍ଘନ ହେଉଛି । ଏହାରି ଭତରେ ଆମେରିକାକୁ ଚେକ୍ ଦେବା ଲାଗି ଇରାନ ଭିତିରିଆ ଭାବେ ନିଜର ସାମିରକ ଶକ୍ତିକୁ ବୃଦ୍ଧି କରିବାରେ ଲଗିଛି । ଇରାନ ନିଜର ମିସାଇଲ୍ ପ୍ରଯୁକ୍ତିକୁ ଏପରି ମଜବୁତ କରିଛି ଯେ, ଆମେରିକା ଓ ଇସ୍ରାଏଲର ଅତ୍ୟାଧୁନିକ ମିସାଇଲ୍ ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ମଧ ସେଗୁଡ଼ିକୁ ଅଟକାଇବା କଷ୍ଟକର ହେଉଛି । ଆମେରିକୀୟ ଅଧିକାରୀଙ୍କ ମତରେ, ଇରାନର ନୂତନ ମିସାଇଲ୍‌ଗୁଡ଼ିକ ଅଧିକ ବେଗରେ ଉଡୁଛି, ଉଡ଼ାଣ ସମୟରେ ଆକାଶରେ ଦିଗ ପରିବର୍ତନ କରିପାରୁଛି ଏବଂ ଲକ୍ଷ୍ୟଭେଦ କ୍ଷମତା ମଧ ବଢ଼ିଛି । ଫଳରେ ମଧ୍ୟପ୍ରାଚ୍ୟର ସୁରକ୍ଷା ପରିସ୍ଥିତି ଅଧିକ ଜଟିଳ ହେବାରେ ଲାଗିଛି । ଇରାନ 'ଫତେହ-୧' ଓ 'ଫତେହ-୨' ପରି ହାଇପରସୋନିକ୍ ମିସାଇଲ୍ ବିକଶିତ କରିଥିବା ଦାବି କରିଛି। ଏହି ମିସାଇଲ୍‌ଗୁଡ଼ିକ ଶବ୍ଦର ବେଗଠାରୁ ପାଚଂ ଗୁଣା ଅଧିକ ବେଗରେ ଉଡ଼ିପାରେ ଏବଂ ଉଡ଼ାଣ ସମୟରେ ଦିଗ ବଦଳାଇପାରୁଛି । ଏହି କାରଣରୁ ରାଡାରରେ ଟ୍ରାକ୍ କରିବା ଓ ଇଟଂରସେପ୍ଟ କରିବା ବହୁତ କଠିନ ହୋଇପଡୁଛି । ସେପଟେ ଇରାନର ଦାବି ଅନୁସାରେ, ଏହି ମିସାଇଲ୍ ଆମେରିକା ଏବଂ ଇସ୍ରାଏଲର ଭଳି ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ ଚମକା ଦେଇପାରିବ । ମାତ୍ର ଦାବିଗୁଡ଼ିକର ସଠିକ୍ ପ୍ରମାଣ ଏଯାଏ ମିଳିପାରି ନାହିଁ । ରୁଷର ସହଯୋଗ କରିଥିଲା ଦାବି :ବିଭିନ୍ନ ଆନ୍ତର୍ଜାତିକ ଗଣମାଧମର ରିପୋର୍ଟ ଅନୁଯାୟୀ, ରୁଷ ଇରାନକୁ ସାଟେଲାଇଟ୍ ଇମେଜରି ଓ ଡ୍ରୋନ୍ ପ୍ରଯୁକ୍ତିରେ ସହଯୋଗ କରୁଥିବା ଅଭିଯୋଗ ରହିଛି। ଏହା ମାଧମରେ ଇରାନର ଟାର୍ଗେଟିଂ କ୍ଷମତା ଆହୁରି ସଠିକ୍ ହୋଇଥିବା ପେଟାଂଗନ ପକ୍ଷରୁ ଦାବି ହୋଇଛି । ଅନ୍ୟପଟେ, ଇରାନରୁ ରୁଷ ଡ୍ରୋନ୍ ପାଉଥିବା କଥା ମଧ ବିଭିନ୍ନ ରିପୋର୍ଟରେ ଉଲ୍ଲେଖ ରହିଛି

## ହିମାଚଳରେ ମୌସୁମୀ ତାଣ୍ଡବ, ୪ ଦିନ ପାଇଁ ଅତି ପ୍ରବଳ ବର୍ଷା ଆଲର୍ଟ



ହିମାଚଳ ପ୍ରଦେଶ,୧୯/୭: ପାହାଡ଼ିଆ ରାଜ୍ୟ ହିମାଚଳ ପ୍ରଦେଶରେ ପ୍ରକୃତିର ପ୍ରକୋପ ଦେଖିବାକୁ ମିଳିଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ହିମାଚଳ ପ୍ରଦେଶ ପାଇଁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଛି ହାଇ ଆଲର୍ଟ । ବିଶେଷ କରି ଜୁଲାଇ ୧୯ରୁ ୨୨ ତାରିଖ ମଧ୍ୟରେ ଅତି ପ୍ରବଳରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କୁ ସତର୍କ ରହିବାକୁ ଚେତାବନୀ ଦିଆଯାଇଛି। ହିମାଚଳ ପ୍ରଦେଶରେ ଆଗକୁ ଆହୁରି ବିପଦ। ପାଣିପାଗ ବିଭାଗର ଆଲର୍ଟ ପରେ ଏବେ ସାରା ରାଜ୍ୟରେ ଆଶଙ୍କାର ବାତାବରଣ। ଜୁଲାଇ ୧୯ରୁ ୨୨ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଜୁଲାଇ ୧୮ ଏବଂ ୨୩ ତାରିଖରେ ମଧ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ପାଣିପାଗ ବିଭାଗ ଅନୁସାରେ ଚମ୍ବା, କାଙ୍ଗଡା, ମାଣ୍ଡି, ଶିମଲା, କୁଲୁ ଏବଂ ସିରମୌର ଭଳି ପାର୍ବତ୍ୟ ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରକୋପ ସବୁଠୁ ଅଧିକ ରହିବ। ଏହା ସହିତ କିନ୍ନୌର ଏବଂ ଲାହୌଲ-ସ୍ପିତି ଭଳି ଉଚ୍ଚ ପାହାଡ଼ିଆ ଅଚଂଳରେ ଘଟାଂ ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ ଧସିବା ବା ଭୂସ୍ଖଳନ ହେବାର ଆଶଙ୍କା ସବୁଠୁ ଅଧିକ ରହିଛି। ଏହାସହ ତଳିଆ ଅଚଂଳରେ ଜଳବନ୍ଦୀ ସମସ୍ୟା ଉପୁଜିପାରେ। ରାସ୍ତାରେ ଦୃଶ୍ୟମାନତା ବା ଭିଜିବିଲିଟି କମିଯିବା ଯୋଗୁଁ ଦୁର୍ଘଟଣାର ଭୟ ମଧ ରହିଛି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅନାବଶ୍ୟକ ଯାତ୍ରା ନକରିବାକୁ ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ ଅପିଲ୍ କରାଯାଇଛି ।

## ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ, ୮ ମୃତ

ଅହମ୍ମଦାବାଦ,୧୯/୭: ଶନିବାର ଦିନ ଗୁଜୁରାଟର ଅହମ୍ମଦାବାଦରେ ଏକ ବଡ ଅଘଟଣ ଘଟିଛି। ମହମୁଦପୁରାରେ ଏକ ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ଆଠ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୫ ରୁ ଅଧିକ ଆହତ ହୋଇଛନ୍ତି। ଖବର ପାଇ ମେୟର ଏବଂ ମ୍ୟୁନିସିପାଲ କମିଶନର ଘଟଣାସ୍ଥଳରେ ପହଚିଂଥିଲେ। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ମହମୁଦପୁରାରେ ଥିବା ଟ୍ୟାଲେଟଂ ଫାୟାରୱାର୍କ୍ସ କାରଖାନାରେ ହଠାତ୍ ନିଆଁ ଲାଗିଯାଇଥିଲା ।ସେଠାରେ ଉପସ୍ଥିତ ବାଣ ଯୋଗୁଁ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା ଏବଂ ସମଗ୍ର କାରଖାନାକୁ ଗ୍ରାସ କରିଥିଲା। ସବୁଠି ଭୟଙ୍କର ନିଆଁ ଉଠିଥିଲା ଏବଂ ଘନ କଳା ଧୂଆଁ ଆଖପାଖ ଅଚଂଳକୁ ପୂର୍ଣ୍ଣ କରିଦେଇଥିଲା। ଅଗ୍ନିଶମ କର୍ମଚାରୀ ଓ ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଚିଂଛନ୍ତି।



## ଅଦା, ରସୁଣ ପରେ ଅଣ୍ଡା ମହଙ୍ଗା:

### ହଠାତ୍ ବଢ଼ିଲା ୨ ଟଙ୍କା



ଭୁବନେଶ୍ୱର,୧୯/୭(ନି.ପ୍ର): ପୁଣି ବଢ଼ିଲା ଅଣ୍ଡା ଦର । ବଜାରରେ ଗୋଟିଏ ଅଣ୍ଡାର ଦାମ୍ ୯ଟଙ୍କା । କିଛିଦିନ ତଳେ ୭ଟଙ୍କା ୧୫ ପଇସା ଥିଲା । ହଠାତ୍ ଦର ସିଧା ୨ଟଙ୍କା ବଢ଼ିଯାଇଛି । କେବଳ ସେତିକି ନୁହେଁ, ଅଣ୍ଡା ଟ୍ରେ' ପୂର୍ବରୁ ୧୮୦ ଟଙ୍କା ଥିବା ବେଳେ ଏବେ ତାହା ୨୭୦ଟଙ୍କାରେ ପହଚିଂଛି ।ଅଣ୍ଡା ଦର ବୃଦ୍ଧିକୁ ନେଇ ଯୁକ୍ତି ରଖିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ । ସେ କହିଛନ୍ତି ବିଭିନ୍ନ କାରଣ ନେଇ ଅଣ୍ଡା ଦର ବଢ଼ିଛି। ୭ଟଙ୍କା ୧୫ ପଇସାରେ ଅଣ୍ଡା ଉତ୍ପାଦନକାରୀମାନେ ବିକୁଛନ୍ତି । ଖୁଚୁରା ବ୍ୟବସାୟୀମାନେ ପାଖାପାଖି ଗୋଟିଏ ଅଣ୍ଡାକୁ ୯ ଟଙ୍କା ରେ ବିକ୍ରି କରୁଛନ୍ତି । ବିଶ୍ୱ ସ୍ତରୀୟ ଚାହିଦା ବୃଦ୍ଧି ପାଉଛି, ଅଣ୍ଡା ରପ୍ତାନି ବୃଦ୍ଧି ପାଇଛି । ଅଣ୍ଡାର ରପ୍ତାନୀ ବଢ଼ିଛି ଓ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପାଇଁ ମୋର୍ଟଲିଟି ରେଟ ବଢ଼ିଛି । ଏହାହିଁ ଅଣ୍ଡା ଦର ବୃଦ୍ଧିର ମୁଖ୍ୟ କାରଣ। ୧ କୋଟି ପର୍ଯ୍ୟନ୍ତ ସବସିଡି ଦେଉଛୁ କିନ୍ତୁ ଆଗକୁ ୧୦ କୋଟି ଟଙ୍କା ସବସିଡି କରିବୁ। ଯାହାଫଳରେ ଅଣ୍ଡା ଚାହିଦା ପୂରଣ ହୋଇପାରିବ। ବର୍ତ୍ତମାନ ସେତେବେଳେ ଦର କମିବ ଯେତେବେଳେ ଉତ୍ପାଦନ ହାର ବଢ଼ିବ । ପ୍ରତିଦିନ ୨ କୋଟି ଅଣ୍ଡା ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର। ଏନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ସେହିଭଳି ରାଜ୍ୟରେ ଦୈନିକ ୧ କୋଟି୨୬ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ସେହି ଅନୁପାତରେ ବାର୍ଷିକ ୪୬୦ କୋଟି ଅଣ୍ଡା ଉତ୍ପାଦନ ହେଉଛି । ତେବେ ରାଜ୍ୟରେ ବାର୍ଷିକ ୮୦୦ରୁ ୯୦୦ କୋଟି ଅଣ୍ଡାର ଆବଶ୍ୟକତା ରହିଛି ।

## ଉଗ୍ରବାଦ ଏବଂ ରାଜନୈତିକ ଆତଙ୍କବାଦର ମୁକାବିଲା ପାଇଁ ୬୭ ଦେଶର ବୈଠକ



ୱାସିଂଟନ,୧୯/୭: ବାମପନ୍ଥୀ ଉଗ୍ରବାଦ ଏବଂ ରାଜନୈତିକ ଆତଙ୍କବାଦର ମୁକାବିଲା ପାଇଁ ଆମେରିକା ଏକ ବଡ଼ ଧରଣର ମନ୍ତ୍ରିସ୍ତରୀୟ ବୈଠକ ଡାକିଥିଲା। ଭାରତ ସମେତ ୬୭ଟି ଦେଶ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଏହି ବୈଠକରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଗସ୍ତରେ ଥିବାରୁ ଏଥିରେ ଯୋଗ ଦେଇପାରି ନଥିଲେ। ବୈଠକରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ବାମପନ୍ଥୀ ଆତଙ୍କବାଦ ବିରୋଧରେ ସମସ୍ତ ଦେଶ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ଆଜିର ବାମପନ୍ଥୀ ଆତଙ୍କବାଦୀମାନେ ବିଭିନ୍ନ ଦେଶରେ କାର୍ଯ୍ୟ କରୁଛନ୍ତି। ସେମାନେ ଗୋଟିଏ ଦେଶରେ ଟଙ୍କା ସଂଗ୍ରହ କରୁଛନ୍ତି, ଅନ୍ୟ ଦେଶର ସହ ଯୋଗାଯୋଗ ବଜାୟ ରଖୁଛନ୍ତି। ସେହିପରି ତୃତୀୟ ଦେଶରେ ତାଲିମ ପାଉଛନ୍ତି, ଚତୁର୍ଥ ଦେଶରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦେଉଛନ୍ତି ଏବଂ ପଚଂମ ଦେଶରେ ଏକକାଳୀନ ଆକ୍ରମଣ ଆରମ୍ଭ କରୁଛନ୍ତି। ତେଣୁ ଆମକୁ ଏହି ବିପଦ ସହିତ ମିଳିତ ଭାବରେ ଲଢ଼ିବାକୁ ପଡିବ। ରୁବିଓ ଦାବି କରିଛନ୍ତି ଯେ ଆମେରିକା ଏବଂ ୟୁରୋପୀୟ ଆତଙ୍କବାଦ ବିରୋଧୀ ନୀତି ଯୋଗୁଁ ଜିହାଦୀ ଆତଙ୍କବାଦର ବିପଦ ଯଥେଷ୍ଟ ହ୍ରାସ ପାଇଛି। ସେ କହିଛନ୍ତି ଯେ, ଜିହାଦୀ ବିପଦ ଦୂର ହୋଇନାହିଁ, କିନ୍ତୁ ପୂର୍ବ ଅପେକ୍ଷା ଏହା କମ୍ ହୋଇଛି। ଭାରତର ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା କହିଥିଲେ ଯେ, ଭାରତ ଦୀର୍ଘ ଦିନ ଧରି ବାମପନ୍ଥୀ ଉଗ୍ରବାଦ ସହିତ ସଂଘର୍ଷ କରିଆସୁଛି। ସେ ଗୁରୁତ୍ୱାରୋପ କରିଥିଲେ, ଭାରତ ସୀମାପାର ଆତଙ୍କବାଦ ଏବଂ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରୁଥିବା ଗୋଷ୍ଠୀ ସମେତ ସମସ୍ତ ପ୍ରକାରର ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ବଜାୟ ରଖିଛି। ଭାରତ ପାଇଁ ଚିନ୍ତାର ବିଷୟ ହେଉଛି ଯେ, ରୁବିଓ ଜିହାଦୀ ଆତଙ୍କବାଦର ବିପଦକୁ ଗୁରୁତ୍ୱହୀନ ଭାବରେ ଗ୍ରହଣ କରିଥିଲେ। ରୁବିଓ ଉଗ୍ରବାଦୀ ଇସଲାମିକ ଉଗ୍ରବାଦର ବିପଦକୁ କମ୍ ମନେ କରି ଚୁପ୍ ରହିଥିଲେ ଏବଂ ବାମପନ୍ଥୀ ଆତଙ୍କବାଦର ବିପଦ ବିଷୟରେ କହିଥିଲେ। ସେ କହିଥିଲେ, ଆମେରିକା ଏବଂ ୟୁରୋପ ଦ୍ୱାରା ଗ୍ରହଣ କରାଯାଇଥିବା ସଫଳ ଆତଙ୍କବାଦ ବିରୋଧୀ ରଣନୀତି ଯୋଗୁଁ ଜିହାଦୀ ଆତଙ୍କବାଦର ବିପଦ ହ୍ରାସ ପାଇଛି। ତଥାପି, ଭାରତ ପାଇଁ, ଜିହାଦୀ ବିପଦ ଏକ ଦଶନ୍ଧି ପୂର୍ବେ ଯେପରି ଶକ୍ତିଶାଳୀ ଥିଲା,ଏବେ ମଧ ସେଭଳି ରହିଛି। ୨୦୨୫ ପହଲଗାମ ଆତଙ୍କବାଦୀ ଆକ୍ରମଣରୁ ଏହା ସ୍ପଷ୍ଟ ହୋଇଛି। ରୁବିଓ କହିଛନ୍ତି, ଯେପର୍ଯ୍ୟନ୍ତ ପ୍ରବାସ ବ୍ୟବସ୍ଥାରେ ତ୍ରୁଟି ରହିବ, ସେପର୍ଯ୍ୟନ୍ତ ଜିହାଦୀ ବିପଦ ଜାରି ରହିବ। ବୈଠକରେ ଆମେରିକା ସ୍ପଷ୍ଟ କରିଛି ଯେ, ବାଣିଜ୍ୟ କିମ୍ବା ପ୍ରବାସ ଭଳି ପ୍ରସଙ୍ଗରେ ମତଭେଦ ଯାହା ହେଉନା କାହିଁକି, ଏବେ ବିଶ୍ୱକୁ ବାମପନ୍ଥୀ ହିଂସା ବିରୋଧରେ ଏକାଠି ହେବାକୁ ପଡିବ।

## ମାଲକାନଗିରିକୁ ଉଡ଼ିବ ବିମାନ:

### ଜୁଲାଇ ୨୨ରେ ଟ୍ରାଏଲ ରନ୍



ମାଲକାନଗିରି,୧୯/୭(ନି/ପ୍ର): ମାଲକାନଗିରିବାସୀଙ୍କ ବହୁ ପ୍ରତୀକ୍ଷିତ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ମାଲକାନଗିରି ଏୟାରପୋର୍ଟରୁ ଉଡ଼ିବ ନିୟମିତ ବିମାନ। ଏଥିପାଇଁ ଜୁଲାଇ ୨୨ରେ ଟ୍ରାଏଲ ରନ୍ ହେବ ବୋଲି ସୂଚନା ମିଳିଛି। ଏଠାକୁ ନିୟମିତ ବିମାନ ଚଳାଚଳ ନିମନ୍ତେ ପ୍ରସ୍ତୁତି ଏବଂ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୨୦ତାରିଖ ଦିନ ଏୟାରପୋର୍ଟର ତଦାରଖ ପାଇଁ ଭୁବନେଶ୍ୱରରୁ ସୁରକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ଦାସ ଏବଂ ଏରୋ ସେଫ୍‌ଗାର୍ଡର ସହକାରୀ ନିର୍ଦ୍ଦେଶକ ନୀରଜ କୁମାର ନାୟକ ମାଲକାନଗିରି ପହଚିଂବେ। ପ୍ରଥମେ ମାଲକାନଗିରି ଏୟାରପୋର୍ଟ ପରଦର୍ଶନ କରିବା ପରେ ଜିଲ୍ଲାପାଳ, ଏସ୍‌ପି, ଅଗ୍ନିଶମ ଅଧିକାରୀ, ସିଡିଏମ୍‌ଓ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ଟ୍ରାଏଲ ରନ୍‌ର ସଫଳତା ନିମନ୍ତେ କାହାର କ'ଣ ଦାୟିତ୍ୱ ରହିବ ସେ ବିଷୟରେ ଅବଗତ କରିବେ ବୋଲି ଜଣାପଡ଼ିଛି। ୨୧ତାରିଖ ସକାଳେ ପୁଣି ଏୟାରପୋର୍ଟ ପରିଦର୍ଶନ କରି ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ କରାଯିବ। ସମସ୍ତ ସୁରକ୍ଷା ବ୍ୟବସ୍ଥାର ଅଭ୍ୟାସ କରି ସୁରକ୍ଷାକର୍ମୀ, ଅଗ୍ନିଶମ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରି ସେମାନଙ୍କ କାର୍ଯ୍ୟ ସଂପର୍କରେ ସୂଚନା ଦିଆଯିବ। ସେହିପରି ମାଲକାନଗିରି ଏୟାରପୋର୍ଟ ଉପଦେଷ୍ଟା ଅଶୋକ କୁମାର ରାଉତ ଆସନ୍ତା ୨୧ତାରିଖରେ ମାଲକାନଗିରି ପହଚିଂ ଏୟାରପୋର୍ଟ ତଦାରଖ କରିବା ସହ ଟ୍ରାଏଲ୍ ରନ୍ ନିମନ୍ତେ ସମସ୍ତ ପ୍ରସ୍ତୁତି ଯାଚଂ କରିବେ।ଏହାବ୍ୟତୀତ ମାଲକାନଗିରି ଏୟାରପୋର୍ଟ ଉପଦେଷ୍ଟା ବିମାନ ଉଡ଼ାଣ ସହ ସଂପୃକ୍ତ ସମସ୍ତ ଅଂଶୀଦାରଙ୍କ ସହ ପ୍ରତିଦିନ କିପରି ବିମାନ ଉଡ଼ିବ ସେ ନେଇ ସ୍ଥିତି ଅନୁଧ୍ୟାନ କରିବେ। ୨୨ତାରିଖରେ ଟ୍ରାଏଲ୍ ରନ୍ ସଫଳ ହେଲେ ୨୩ ତାରିଖରେ ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ଦାସ ଭୁବନେଶ୍ୱର ଚାଲିଯିବେ। କିନ୍ତୁ ନୀରଜ କୁମାର ନାୟକ ୩୦ତାରିଖ ପର୍ଯ୍ୟନ୍ତ ମାଲକାନଗିରିରେ ରହି ଅନୁଧ୍ୟାନ କରିବେ।

### ଇରାନର ଖୁଜେସ୍ତାନର ସାରାଣ୍ଡରେ ୫.୦ ତୀବ୍ରତାଯୁକ୍ତ ଭୂମିକମ୍ପ:

## ବର୍ଷକରେ ୨,୩୮୦ ଥର ଥରିଲାଣି ଇରାନ



ତେହେରାନ,୧୯/୭: ଇରାନର ଦକ୍ଷିଣ-ପଶ୍ଚିମ ପ୍ରଦେଶ ଖୁଜେସ୍ତାନରେ ଶକ୍ତିଶାଳୀ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ରିପୋର୍ଟ ଅନୁସାରେ, ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୫.୦ ଥିଲା। ଏହି ଘଟଣା ସାରାଣ୍ଡ ଏବଂ ଆଖପାଖ ଅଞ୍ଚଳର ବାସିନ୍ଦାଙ୍କୁ ଆତଙ୍କିତ କରିଛି। ତେହେରାନ ବିଶ୍ୱବିଦ୍ୟାଳୟର ଭୂକମ୍ପ ବିଜ୍ଞାନ କେନ୍ଦ୍ର ଭୂମିକମ୍ପ ନେଇ ନିଶ୍ଚିତ କରିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠଠାରୁ ପ୍ରାୟ ୧୨ କିଲୋମିଟର ଗଭୀରତାରେ ଅବସ୍ଥିତ ଥିଲା। ସାଧାରଣତଃ ଅଳ୍ପ ଗଭୀରତା ବିଶିଷ୍ଟ ଭୂମିକମ୍ପ ଯୋଗୁ ଅଧିକ କମ୍ପନ ଏବଂ ପୃଷ୍ଠରେ କ୍ଷତିର ଆଶଙ୍କା ରହିଥାଏ। ଧନଜୀବନ ହାନିର କୌଣସି ସରକାରୀ ରିପୋର୍ଟ ମିଳିନାହିଁ। ଏକ ରିପୋର୍ଟ ଅନୁଯାୟୀ, ଜୁନ୍ ୨୦ ରୁ ୨୬ ତାରିଖ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ମୋଟ ୮୭ ଟି ଭୂମିକମ୍ପ ରେକର୍ଡ କରାଯାଇଛି। ପରିସଂଖ୍ୟାନ ଦୃଷ୍ଟିରୁ, ଏହି ଭୂମିକମ୍ପଗୁଡ଼ିକ ମଧ୍ୟରୁ ୭୮ଟିର ତୀବ୍ରତା ୩.୦ ରୁ କମ୍ ଥିଲା, ଯେତେବେଳେ ୯ଟି ୩.୦ ରୁ ୪.୦ ମଧ୍ୟରେ ଥିଲା। ଗୋଟିଏ ବର୍ଷର ତଥ୍ୟକୁ ଦେଖିଲେ, ମାର୍ଚ୍ଚ ୨୦୨୫ ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ଇରାନରେ ୨.୫ ତୀବ୍ରତାରୁ ଅଧିକ ତୀବ୍ରତାର ମୋଟ ୨,୩୮୦ଟି ଭୂମିକମ୍ପ ହୋଇଥିଲା। ଏଥିମଧ୍ୟରୁ ୯୧୦ଟିର ତୀବ୍ରତା ୩.୦ରୁ ଅଧିକ, ୧୩୦ଟିର ତୀବ୍ରତା ୪.୦ରୁ ଅଧିକ ଏବଂ ୧୫ଟିର ତୀବ୍ରତା ୫.୦ରୁ ଅଧିକ ଥିଲା। ଇରାନ ମାଳଭୂମି ବିଶ୍ୱର ସବୁଠାରୁ ଭୂମିକମ୍ପ ପ୍ରବଣ ଅଚଂଳ ମଧ୍ୟରୁ ଗୋଟିଏ। ବିଶ୍ୱରେ ହେଉଥିବା ମୋଟ ଭୂମିକମ୍ପର ପ୍ରାୟ ୨ ପ୍ରତିଶତ ଭୂମିକମ୍ପ ଇରାନରେ ଘଟିଥାଏ। ବିଂଶ ଶତାବ୍ଦୀରେ ସାରା ବିଶ୍ୱରେ ଭୂମିକମ୍ପ ଯୋଗୁଁ ହୋଇଥିବା ମୋଟ ମୃତ୍ୟୁର ୬ ପ୍ରତିଶତରୁ ଅଧିକ କେବଳ ଇରାନରେ ରେକର୍ଡ କରାଯାଇଥିଲା।

## ଜଳସ୍ତର ହ୍ରାସ ପରେ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ର ବନ୍ଦ



ମାଲକାନଗିରି,୧୯/୭(ନି/ପ୍ର): ବାଲିମେଳା ଜଳଭଣ୍ଡାରରେ ଜଳସ୍ତର ଆଶଙ୍କାଜନକ ଭାବେ ହ୍ରାସ ପାଇଥିବାରୁ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ଜଳସମ୍ପଦ ବିଭାଗ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ (ଓଏଚପିସି)କୁ ଜଳ ଯୋଗାଣ ବନ୍ଦ କରିଛି। ଏହାଫଳରେ ଶନିବାର ରାତିଠାରୁ ବାଲିମେଳା ଜଳବିଦ୍ୟୁତ କେନ୍ଦ୍ରରେ ବିଦ୍ୟୁତ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିବ। ପୋଟେରୁ ସେଚ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ବାଲିମେଳା ଜଳାଶୟର ଜଳସ୍ତର ବର୍ତ୍ତମାନ ୧,୪୫୫.୬୦ ଫୁଟ୍‌ରେ ପହଚିଂଛି, ଯେଉଁଥିରେ ପୂର୍ଣ୍ଣ ଜଳାଶୟ ସ୍ତର ୧,୫୧୬ ଫୁଟ୍ ରହିଛି। ଲାଇଭ୍ ଷ୍ଟୋରେଜ୍ ୧୩.୧୩ ପ୍ରତିଶତକୁ ଖସିଥିବାବେଳେ ଗତବର୍ଷ ଏହି ସମୟରେ ଏହା ୧୯.୯୪ ପ୍ରତିଶତ ଥିଲା। ଚଳିତ ବର୍ଷ ଜଳାଶୟ କ୍ୟାଚମେଟଂ ଅଚଂଳରେ ମାତ୍ର ୫୧୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଗତବର୍ଷ ଏହି ସମୟରେ ୭୭୮ ମିଲିମିଟର ବର୍ଷା ହୋଇଥିବାରୁ ଏବେ ୨୫୯ ମିଲିମିଟର ବର୍ଷା ଘାଟତି ଦେଖାଦେଇଛି। ଏଲ୍-ନିନୋ ପ୍ରଭାବ ଓ ଦୁର୍ବଳ ମୌସୁମୀ ବର୍ଷା ଏହାର ପ୍ରମୁଖ କାରଣ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ଜଳସମ୍ପଦ ବିଭାଗର ନିଷ୍ପତିକ୍ରମେ ଖରିଫ ଚାଷ ପାଇଁ ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇଛି। ସେଥିପାଇଁ ଓଏଚପିସିକୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାବେଳେ ଏପିଜେନକ୍ସୋକୁ ମଧ ଜଳ ଯୋଗାଣ ସୀମିତ କରାଯାଇଛି। ଓଏଚପିସିର ସୁପରିଟେଣ୍ଡିଂ ଇଞ୍ଜିନିୟର ଦୁର୍ଗା ପ୍ରସାଦ ପଟ୍ଟନାୟକ କହିଛନ୍ତି, ଜଳାଶୟର ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନ ବନ୍ଦ ରହିବ। ଅନ୍ୟପକ୍ଷରେ ବାଲିମେଳା ଜଳାଶୟର ଜଳସ୍ତର ସ୍ଥିର ରଖିବା ପାଇଁ ଜଲାପୁଟ ଜଳାଶୟରୁ ଅଧିକ ଜଳ ଛାଡ଼ିବାକୁ ଏପିଜେନକ୍ସୋକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ୬୦୦ କ୍ୟୁସେକ୍ ଜଳ ଛାଡ଼ାଯାଉଥିବାବେଳେ ଏହାକୁ ୨,୦୦୦ କ୍ୟୁସେକ୍ ପର୍ଯ୍ୟନ୍ତ ବଢ଼ାଇବାର ଯୋଜନା ରହିଛି। ଜଳାଶୟର ଜଳସ୍ତର ସନ୍ତୋଷଜନକ ସ୍ଥିତିକୁ ଫେରିଲେ ପୁନର୍ବାର ଓଏଚପିସିରେ ଜଳବିଦ୍ୟୁତ ଉତ୍ପାଦନ ଆରମ୍ଭ ହେବ ବୋଲି ବିଭାଗ ସୂଚନା ଦେଇଛି।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ସୋମବାର ୨୦ ଜୁଲାଇ ୨୦୨୬

## ଜୀବନ ରଥ :ଶ୍ରୀଜଗନ୍ନାଥ

ବିଶ୍ୱର ବିଭିନ୍ନ ଧର୍ମ-ଚେତନାରେ ଭଗବାନ ଓ ଭକ୍ତ ଦୁଇଟି ସ୍ୱତନ୍ତ୍ର ସତ୍ତା ଭାବେ ପରସ୍ପରଠାରୁ ଅନତିକ୍ରମ ଦୂରରେ ରହିଥିବା ବେଳେ ହିନ୍ଦୁ ଧର୍ମ ଭାବନାରେ ଭଗବାନ ଓ ଦେବଦେବୀମାନେ ସର୍ବଦା ମାନବୀୟ ପ୍ରକୃତି ଓ ଆଚରଣ ପ୍ରଦର୍ଶନ କରି ମଣିଷର ପାଖେ ପାଖେ ରହିଛନ୍ତି । ଦେବ-ମାନବର ଏହି ସମନ୍ୱିତ ଲୀଳାଖେଳାର ମହତ୍ତମ ପ୍ରତୀକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ସାଧାରଣ ମଣିଷଟିଏ ପରି ଦୈନନ୍ଦିନ ଓ ଅନ୍ୟାନ୍ୟ ବିଶେଷ କର୍ମମାନ ସମ୍ପାଦନ କରିବା ସହିତ ଜନ୍ମ ଓ ମୃତ୍ୟୁ ମଧ୍ୟ ପ୍ରାପ୍ତ ହୁଅନ୍ତି । ଜନ୍ମ-ଜୀବନ-ମୃତ୍ୟୁ, ମୃତ୍ୟୁ ପରେ ପୁଣି ଜୀବନ ଓ ଜୀବନର ପୁନଶ୍ଚ ମୃତ୍ୟୁ; ସାରା ଜୀବଜଗତ ପାଇଁ ଏହା ଏକ ସ୍ୱାଭାବିକ ପ୍ରବାହ । ମୃତ୍ୟୁକାଳେ ଯେ ଭାବ ଧରି ଶରୀର ଛାଡ଼ି ଜୀବନ ଯାଏ ଜନ୍ମେ ପୁଣି ସେପରି ସ୍ଥାନେ ସହି ଭାବପଥ ଯେବେ ପାଏ । ମାତ୍ର, ଜୀବ-ପରମ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ଯେତେବେଳେ ମର୍ତ୍ତ୍ୟ ବୈକୁଣ୍ଠରେ ନିଜକୁ ଏହି ଜନ୍ମ ମୃତ୍ୟୁର ପ୍ରବାହରେ ଭସାଇ ଦିଅନ୍ତି; ତାହା ଭକ୍ତଙ୍କ ପାଇଁ ପାଲଟିଯାଏ ଏକ ଦିବ୍ୟ ଅନୁଭବ । ମହାପ୍ରଭୁ ଏହି ଅନୁପମ ଲୀଳା ମାଧ୍ୟମରେ ସୂଚାଇ ଦିଅନ୍ତି ଯେ ଜନ୍ମ, ଜୀବନ ବା ମୃତ୍ୟୁ; କୌଣସିଟି ସମ୍ପୂର୍ଣ୍ଣ ନୁହେଁ । ସମ୍ପୂର୍ଣ୍ଣର ଏହା ଗୋଟିଏ ଗୋଟିଏ ଅଂଶ କେବଳ । ତେଣୁ, ତାଙ୍କୁ ଅବଲୋକନ କରୁଥିବା ଭକ୍ତଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ସଙ୍ଗେ ସଙ୍ଗେ ମୃତ୍ୟୁ ଭୟରୁ ମଧ୍ୟ ସେ ମୁକ୍ତି ପାଇଥାଏ । ଭାରତୀୟ ଧର୍ମ ଓ ସଂସ୍କୃତିକୁ ପ୍ରାଥମିକ ରୂପ ଦେଇଥିବା ବେଦାନ୍ତ ଦର୍ଶନ ଯେଉଁ ନିରୁପାଧି ପରଂବ୍ରହ୍ମ ସତ୍ତାର ପରିକଳ୍ପନା କରିଥିଲା ତା'ର ସାକାର ବିଗ୍ରହ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ସ୍ୱରୂପକୁ ନିରୀକ୍ଷଣ କଲେ ସ୍ପଷ୍ଟ ହୁଏ ଯେ ତାହା ଅନ୍ୟ ଦେବତାଙ୍କ ପରି ନୁହେଁ; ଏକ ଭିନ୍ନ ରୂପରେ ସେ ପ୍ରମୂର୍ତ୍ତ । ବ୍ରହ୍ମଙ୍କ ଏକ ପ୍ରତୀକାତ୍ମକ ଚରିତ୍ର ହେଉଛନ୍ତି ଏହି ବିଗ୍ରହ । ହିନ୍ଦୁଧର୍ମର ପବିତ୍ର ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକ୍ରୀଷ୍ଣ ଭକ୍ତପ୍ରବର ଅର୍ଜ୍ଜୁନଙ୍କୁ କହିଛନ୍ତି - ଯଦା ଯଦା ହି ଧର୍ମସ୍ୟ..... ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ପରବ୍ରହ୍ମ ସନାତନ ଆଦିଶବ୍ଦ-ବ୍ରହ୍ମ ରୂପରେ ଯୁଗେ ଯୁଗେ ଲୀଳା କରନ୍ତି । ଏହି ଅବତାର ବାଦରେ ଆର୍ଯ୍ୟ ସନାତନ ଧର୍ମ ଶ୍ରୀରାମ, ଶ୍ରୀକ୍ରୀଷ୍ଣ, ଶ୍ରୀବୁଦ୍ଧ, ଶ୍ରୀଯୀଶୁ, ଶ୍ରୀମହମ୍ମଦ, ଶ୍ରୀଚୈତନ୍ୟ, ଶ୍ରୀରାମକୃଷ୍ଣ, ଓ କଳିଯୁଗର ଶେଷ ଅବତାର କଳକୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ସ୍ନାତ, ପରିପୁଷ୍ଟ ଓ ସ୍ୱୟଂସିଦ୍ଧ । ନୀଳାଚଳଧାମରେ ବିରାଜିତ ଶ୍ରୀଜଗନ୍ନାଥଙ୍କର ନାଭି ବ୍ରହ୍ମରେ ଭଗବାନ ଶ୍ରୀକ୍ରୀଷ୍ଣଙ୍କର ବ୍ରହ୍ମ ବିରାଜିତ । ମହାପ୍ରଭୁ ଶ୍ରୀଚୈତନ୍ୟ ଅଗଣିତ ଭକ୍ତ ମାନଙ୍କ ସହ ଏହି ନୀଳାଚଳଧାମରେ ଲୀଳାଖେଳ କରିଥିଲେ ଓ ଶେଷରେ ପରବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମରେ ଲୀନ ହୋଇଯାଇଥିଲେ । ଶ୍ରୀଜଗନ୍ନାଥ କହୁଛନ୍ତି - ମୋତେ ଧର, ଜୀବନରେ ଗ୍ରହଣ କର, ମୋର ଅନୁଶାସନ ମାନି ଚାଲ, ମୋତେ ରକ୍ଷା କର, ନ ମେ ଭକ୍ତ ପ୍ରଣଶ୍ୟତି । ଭକ୍ତମାନେ କୁହନ୍ତି - ଭଗବାନ ଦୟା କରନ୍ତି, କାରଣ ସେ ଅହେତୁକ କୃପାସିନ୍ଧୁ । ସେ ଯେତେବେଳେ କୃପା କରନ୍ତି ମନୁଷ୍ୟ ସେତେବେଳେ ପଥ ପାଏ । ବିପଦରୁ ଉଦ୍ଧାର ହୁଏ । ଶ୍ରୀ ଶ୍ରୀ ଠାକୁର ଚିନ୍ତା ଜଗତରେ ଏହି ଧାରାକୁ ଏକ ବିପ୍ଳବାତ୍ମକ ସିଦ୍ଧାନ୍ତ ନେଇ କହିଛନ୍ତି - ଜଗତରେ ହେତୁ ଛଡ଼ା କିଛି ହୁଏ ନାହିଁ । ଅହେତୁକୀ କୃପା ବୋଲି କିଛି ନାହିଁ । କୃପା ଯେତେବେଳେ ଭକ୍ତ ପାଏ, ତାର ପଶ୍ଚାତରେ ହେତୁ ଅବଶ୍ୟହିଁ ଅଛି । ଏହା ତୁମେ ବୁଝି ପାର ବା ନପାର । ଯଦି ଅହେତୁକୀ କୃପା ତୁମେ ପାଇଛ ବୋଲି ହୃଦ୍‌ବୋଧ କର, ତାହା ହେଲେ ଜାଣି ରଖ ଅହେତୁକୀ ଭକ୍ତି ଏହାର ପଶ୍ଚାତରେ ଅବଶ୍ୟ ହିଁ ରହିଛି । ଅହେତୁକୀ ଭକ୍ତି ଛଡ଼ା ଅହେତୁକୀ କୃପା ମିଳେ ନାହିଁ । ଶ୍ରୀ ଜଗନ୍ନାଥ ମହାପ୍ରଭୁ ହସ୍ତ ବିହୀନ ହୋଇ ଏହି ସତ୍ୟ ହିଁ ପ୍ରକାଶ କରିଛନ୍ତି ଯେ ତୁମେ ତାଙ୍କୁ ଧର, ଭଲପାଅ, ତାଙ୍କର ପ୍ରୀତ୍ୟର୍ଥେ କର୍ମ କର, ପ୍ରତି ମନୁଷ୍ୟ ପାଖରେ ଈଶ୍ୱରଙ୍କର ଏହି ପ୍ରତ୍ୟାଶା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁବ୍ରହ୍ମର ସ୍ୱରୂପ ଓ ଉପାସନା ସବୁ ଧର୍ମ, ସବୁ ଉପାସନା ଚିନ୍ତନ, ସବୁ ସମ୍ପ୍ରଦାୟ ଓ ସବୁ ଆଧ୍ୟାତ୍ମିକ ଚେତନା ଭିତରେ ସ୍ୱୀକୃତ । ଇସ୍‌ଲାମ ଧର୍ମଗ୍ରନ୍ଥ କୋରାନ୍ ମତରେ ସ୍ୱର୍ଗ ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉଥିବା ଏହି ବିଶ୍ୱ ଏକ ବୃକ୍ଷ ଯାହାର ଅଗ୍ରଭାଗ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ବୃକ୍ଷରେ ଆହ୍ଲା ବିରାଜମାନ କରିଥାନ୍ତି । ଖ୍ରୀଷ୍ଟିୟାନ ଧର୍ମର ଦି ବୁକ୍ ଅଫ୍ ଖ୍ରୀଷ୍ଟିୟାନିଟିରେ ଜ୍ଞାନତରୁ ବିଷୟରେ ବର୍ଣ୍ଣିତ । ସେହିପରି ବୌଦ୍ଧମାନଙ୍କ ବୋଧିଦ୍ରୁମ ଓ ଜୈନମାନଙ୍କର କଳ୍ପପାଦପ ଉପାସନାରେ ଏହି ବୃକ୍ଷ ବା ଦାରୁ ଉପାସନା ହିଁ ପରିଲକ୍ଷିତ ହୋଇଥାଏ । ଜନଜାତି ଆଦିବାସୀ ସଂସ୍କୃତିରେ ବୃକ୍ଷ ପୂଜା ପରମ୍ପରା ବହୁ ପ୍ରାଚୀନ । ତେଣୁ ବୈଦିକ ସଂସ୍କୃତିରେ ଦାରୁ ଉପାସନା ଏକ ବହୁ ପ୍ରଚଳିତ ପଦ୍ଧତି । ଶ୍ରୀପୁରୁଷୋତ୍ତମ ମହାପ୍ରଭୁ ଶ୍ରୀଜଗନ୍ନାଥ କୌଣସି ଜଣକର ନୁହଁନ୍ତି, ସେ ହେଉଛନ୍ତି ଗଣର ଦେବତା । ବର୍ଷକରେ ଗୋଟିଏ ଦିନ ପାଇଁ ବଡ଼ଦାଣ୍ଡର ଜନସମୁଦ୍ର ଆଧ୍ୟାତ୍ମିକ ଶ୍ରଦ୍ଧାଳୁଙ୍କୁ ପାବନ କୃପା ପ୍ରଦର୍ଶନ ପାଇଁ ସେ ହେଉଛନ୍ତି ପତିତପାବନ । ମନେ ରଖିବା ଉଚିତ ଯେ ଜୀବନ ଯାତ୍ରା ପଥରେ ସମସ୍ତ ପ୍ରକାରର ବିଳାସ-ବାସନା, ନୃତ୍ୟ-ଗୀତ, ଆମୋଦ- ପ୍ରମୋଦ ହେଉଛି ରଥଯାତ୍ରାର ଶୋଭାଯାତ୍ରା ଭଳି । ଜୀବନ ହେଉଛି ଏକ ରଥଯାତ୍ରା । ଏହି କଥା ମନରେ ରଖି ମନୁଷ୍ୟ ନିଜର ସମସ୍ତ କର୍ମର  ବିଚାର କରିବା ଉଚିତ । ଜୀବନର ପ୍ରତିଟି କ୍ଷଣ, ମୁହୂର୍ତ୍ତ ଏବଂ କାଳର ପ୍ରତି ପାଦରେ ଭଗବାନ ବା ଗୁରୁଙ୍କ ନାମ ସ୍ମରଣ ପୂର୍ବକ ପରୋପକାର ଓ ସତ୍‌କର୍ମ ପାଇଁ ଏହି ଦେହର ରଥକୁ ସାରଥୀ ପରି ଆଧ୍ୟାତ୍ମିକ ମାର୍ଗରେ ପରିଚାଳନା କରିବା ହିଁ ଜୀବନର ମାନବୀୟ ମୂଲ୍ୟବୋଧ । ଇଷ୍ଟଲାଗି କର୍ମ କରା, ତାହା ହିଁ ହେଲା ପୁଣ୍ୟେଭରା । କେବଳ ଧନୀ ବା ବିତଶାଳୀ ନୁହଁନ୍ତି ଜଣେ ନିର୍ଧନ ବି ନିଜ ମୁଖରେ ସନ୍ତୋଷପୂର୍ଣ୍ଣକ ହୃଦୟ ଆନନ୍ଦକୁ ପରିପୂର୍ଣ୍ଣ କରୁଥିବା ମିଷ୍ଟ ବାଣୀ ଦ୍ୱାରା ଜଣକୁ ସନ୍ତୋଷ ପ୍ରଦାନ କରିପାରିବ । ପାଣି ମୁନ୍ଦାଏ ହେଉ ବା ଅସହାୟ ମୁହୂର୍ତ୍ତରେ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ କରୁଣାର ହାତ ବଢ଼ାଇବା ଦ୍ୱାରା ଜଣେ ଜୀବନ ରଥର ଶ୍ରେଷ୍ଠ ସାରଥୀ ଭାବେ ନିଜ ଜୀବନକୁ ଦିବ୍ୟପଥରେ ଅଗ୍ରଗାମୀ କରିପାରିବ । ଅପରର ମଙ୍ଗଳ କାମନା ହିଁ ନିଜ ମଙ୍ଗଳର ପ୍ରସୂତୀ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପତିତପାବନ ଯାତ୍ରାରେ ଏହି ଚିନ୍ତନ ସମସ୍ତଙ୍କୁ ମାର୍ଗ ଦେଖାଉ । ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତ ହେଉଛି ଭଗବାନଙ୍କର ଅମୂଲ୍ୟ ଦାନ । ତେଣୁ ଏହାର ସଦ୍‌ବ୍ୟବହାର କରାଯିବା ଆବଶ୍ୟକ । ପୁରୁଷୋତ୍ତମ ଭଗବାନ କଳକୀ ବିଗ୍ରହ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼କଣ୍ଠରେ ଉଦ୍‌ଘୋଷଣା କଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ ଠକିଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ ।

# ନିର୍ବାଚିତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କ ଶପଥ ପାଠ ଏବଂ ସାମାଜିକ କର୍ତ୍ତବ୍ୟ ଦାୟିତ୍ୱ

ଏକ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ 'ନିର୍ବାଚିତ ଜନପ୍ରତିନିଧି' ଏବଂ 'ସରକାରୀ କର୍ମଚାରୀ' ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଜନପ୍ରତିନିଧିମାନେ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ଆଧାର କରି ନୀତି ଓ ନିୟମ ପ୍ରଣୟନ କରନ୍ତି ଏବଂ ସରକାରୀ କର୍ମଚାରୀମାନେ ତାହାକୁ ବାସ୍ତବ ରୂପ ଦିଅନ୍ତି । ଏହି ଦୁଇ ପ୍ରମୁଖ ସ୍ତମ୍ଭ ସୁଚାରୁ ରୂପେ କାର୍ଯ୍ୟ କରିବା ପାଇଁ ସମ୍ବିଧାନରେ 'ଶପଥ ପାଠ'ର ବ୍ୟବସ୍ଥା ରହିଛି, ଯାହା ସେମାନଙ୍କୁ ସେମାନଙ୍କର ସାମାଜିକ କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟରେ ସଦାସର୍ବଦା ସଚେତନ କରାଇଥାଏ ।ଭାରତୀୟ ସମ୍ବିଧାନର ତୃତୀୟ ଅନୁସୂଚୀ ରେ ବିଭିନ୍ନ ଉଚ୍ଚ ସାମ୍ବିଧାନିକ ପଦାଧିକାରୀଙ୍କ ଶପଥର ରୂପରେଖ ପ୍ରଦାନ କରାଯାଇଛି । କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ଏବଂ ଜନପ୍ରତିନିଧି ସମ୍ବିଧାନର ଅନୁଚ୍ଛେଦ ୭୫, ୯୯, ୧୬୪ ଏବଂ ୧୮୮ ଅନୁଯାୟୀ ସେମାନେ ଶପଥ ନିଅନ୍ତି । ଏହି ଶପଥର ମୂଳ ଉଦ୍ଦେଶ୍ୟ ହେଉଛି ଭାରତର ସମ୍ବିଧାନ ପ୍ରତି ନିଷ୍ଠା ପ୍ରଦର୍ଶନ କରିବା ଏବଂ ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା । ସରକାରୀ କାର୍ଯ୍ୟରେ ଯୋଗଦେବା ସମୟରେ ପ୍ରଶାସନିକ ସେବା ଅଧିକାରୀମାନେ ସମ୍ବିଧାନ, ନିରପେକ୍ଷତା ଏବଂ ଗୋପନୀୟତାର ଶପଥ ନେଇଥାନ୍ତି ।ଶପଥ ଗ୍ରହଣ କେବଳ ଏକ ଆନୁଷ୍ଠାନିକ ପ୍ରକ୍ରିୟା ନୁହେଁ । ଏହା ଈଶ୍ୱର ବା ନିଜ ବିବେକକୁ ସାକ୍ଷୀ ରଖି ଦେଶ ଏବଂ ସମାଜ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ଏକ ପବିତ୍ର ପ୍ରତିଶ୍ରୁତି । ଜନପ୍ରତିନିଧିମାନେ ସିଧାସଳଖ ଲୋକଙ୍କ ଦ୍ୱାରା ନିର୍ବାଚିତ ହୋଇ ସଂସଦ ବା ବିଧାନସଭାକୁ ଆସନ୍ତି । ତେଣୁ ସେମାନଙ୍କର ସାମାଜିକ ଉତରଦାୟିତ୍ୱ ସବୁଠାରୁ ଅଧିକ । ସମାଜର ଗରିବ, ଅସହାୟ ଏବଂ ଶେଷ ଧାଡ଼ିରେ ଥିବା ମଣିଷର ସମସ୍ୟାକୁ ସରକାରଙ୍କ ସାମ୍ନାକୁ ଆଣିବା ଏବଂ ତାହାର ସମାଧାନ କରିବା ଜନପ୍ରତିନିଧିଙ୍କ ମୂଳ କର୍ତ୍ତବ୍ୟ ।ନିର୍ବାଚନ ଜିତିବା ପରେ ଜଣେ ନେତା କେବଳ ଏକ ନିର୍ଦ୍ଦିଷ୍ଟ ଦଳ, ଜାତି ବା ଧର୍ମର ନୁହଁନ୍ତି, ବରଂ ସମଗ୍ର ଅଚଂଳର ପ୍ରତିନିଧି ପାଲଟିଯାଆନ୍ତି । ସମସ୍ତଙ୍କୁ ସମାନ ଭାବେ ସେବା ଯୋଗାଇବା ସେମାନଙ୍କର ସାମାଜିକ ଦାୟିତ୍ୱ ।ସମାଜରେ ନେତାମାନଙ୍କୁ ସାଧାରଣ ଜନତା ଅନୁକରଣ କରନ୍ତି । ତେଣୁ ସେମାନଙ୍କର କଥାବାର୍ତ୍ତା, ବ୍ୟବହାର ଓ ଜୀବନଶୈଳୀ ସ୍ୱଚ୍ଛ ଏବଂ ପ୍ରେରଣାଦାୟୀ ହେବା ଆବଶ୍ୟକ ।ସରକାରୀ କର୍ମଚାରୀମାନେ ହେଉଛନ୍ତି ପ୍ରଶାସନର ମେରୁଦଣ୍ଡ । ନେତାମାନେ ବଦଳନ୍ତି, କିନ୍ତୁ ପ୍ରଶାସନ ସ୍ଥାୟୀ ଭାବେ କାର୍ଯ୍ୟ କରେ ।ଆଇନର ସୁଶାସନ କୌଣସି ରାଜନୈତିକ ଚାପରେ ନଆସି, ସମ୍ବିଧାନ ଓ ଆଇନ ଅନୁଯାୟୀ ନିରପେକ୍ଷ ଭାବେ କାର୍ଯ୍ୟ କରିବା ସରକାରୀ କର୍ମଚାରୀଙ୍କ ପ୍ରଥମ ଦାୟିତ୍ୱ । ସରକାରୀ ଦପ୍ତରକୁ ଆସୁଥିବା ସାଧାରଣ ନାଗରିକଙ୍କ ସହ ସହାନୁଭୂତିର ସହ ବ୍ୟବହାର କରିବା ଏବଂ ସରକାରୀ ଯୋଜନାର ଲାଭ ସଠିକ୍ ହିତାଧିକାରୀଙ୍କ ପାଖରେ ପହଚାଂଇବା ।ସରକାରୀ ପାଣ୍ଠି ହେଉଛି ଜନସାଧାରଣଙ୍କ ଝାଳବୁହା ଟଙ୍କା । ଏହାର ସଦୁପଯୋଗ କରିବା ଏବଂ ପ୍ରଶାସନକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ରଖିବା ସେମାନଙ୍କର ସାମାଜିକ କର୍ତ୍ତବ୍ୟ । ଯେତେବେଳେ ଜଣେ ଜନପ୍ରତିନିଧି କିମ୍ବା ସରକାରୀ କର୍ମଚାରୀ ନିଜର ଶପଥ ପାଠକୁ କେବଳ ଏକ ଔପଚାରିକତା ନଭାବି, ତାହାକୁ ନିଜର ହୃଦୟରେ ସ୍ଥାନ ଦିଅନ୍ତି, ସେତେବେଳେ ସମାଜରେ ଆଦର୍ଶ ଶାସନ ପ୍ରତିଷ୍ଠା ହୁଏ । ଜନପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କ ମିଳିତ ପ୍ରୟାସ ହିଁ ଏକ କଲ୍ୟାଣକାରୀ ରାଷ୍ଟ୍ର ଗଠନ କରିପାରିବ । ଶପଥ ପାଠ ସେମାନଙ୍କ ପାଇଁ ଏକ ଦିଗଦର୍ଶନ । ସେମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଓ ଲୋଭକୁ ପରିତ୍ୟାଗ କରି ଯଦି ଶପଥର ପ୍ରତିଟି ଶବ୍ଦକୁ ନିଜ କାର୍ଯ୍ୟରେ ପ୍ରତିଫଳିତ କରିବେ, ତେବେ ଦେଶରୁ ଦୁର୍ନୀତି, ଦାରିଦ୍ର୍ୟ ଓ ଅସମାନତା ଦୂର ହୋଇପାରିବ । ଏହା ସହିତ ସାଧାରଣ ନାଗରିକ ମଧ୍ୟ ସଚେତନ ହୋଇ ସେମାନଙ୍କୁ ସେମାନଙ୍କର ଦାୟିତ୍ୱ ବିଷୟରେ ପ୍ରଶ୍ନ କରିବା ଆବଶ୍ୟକ, ଯାହାଦ୍ୱାରା ଗଣତନ୍ତ୍ର ଅଧିକ ମଜବୁତ ହେବ ।  **(ଏ ଆର ଖାନ,କେନ୍ଦୁଝର )**

# ଚାଷର ରାଜନୀତି ବନାମ ରାଜନୀତି ଚାଷ

ପ୍ରବାଦଟିଏ ରହିଛି- 'ଚଷା କି ଜାଣଇ ପଶା ବେଉସା ।' ଅର୍ଥାତ୍ ଚାଷୀଟିଏ ତା'ର କ୍ଷେତବାଡ଼ି ବ୍ୟତୀତ ଅନ୍ୟ କୌଣସି ଆମୋଦପ୍ରମୋଦର କ୍ୱଚିତ୍ ଧାର୍ ଧାରେ । ତେଣୁ ରାଜା ରାଜୁଡ଼ା ବା ଅଭିଜାତ ଘରର ସଦସ୍ୟମାନେ- ପରିବର୍ତ୍ତିତ ପରିସ୍ଥିତିରେ ଆଜିକା ସମୟର ରାଜନେତାମାନେ ଯେଉଁ ପଶା/ ରାଜନୀତିର ଖେଳ ଖେଳି ଆନନ୍ଦ ପାଇଥାନ୍ତି, ତାହା ଚାଷୀ ଭାଗ୍ୟରେ ଜୁଟି ନଥାଏ । ସେଇଥିପାଇଁ ତ କେନ୍ଦ୍ର ସରକାରଙ୍କ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ରାଜରାସ୍ତାରେ ଶୀତ କାକରରେ ପନ୍ଦର ଦିନରୁ ଅଧିକ ସମୟ ବିତାଇ ସାରିଥିଲେ ବି ଏବଂ ସରକାରଙ୍କ ସହିତ ବାରମ୍ୱାର ଆଲୋଚନା କରିଥିଲେ ସୁଦ୍ଧା ନିଜ ଘରକୁ ଫେରି ଯିବାକୁ ରାଜି ନହୋଇ ତା'ର ଜିଦ୍‌ରେ ଅଟଳ ରହିଛି; ନ୍ୟାଯ୍ୟ ଦାବି ହାସଲ କରିବାକୁ ଆମରଣ ଅନଶନ କରୁଛି । ନୂଆ କୃଷି ଆଇନ ବିରୁଦ୍ଧରେ ଏହି ପ୍ରତିବାଦ ଭାରତରେ ସାମୂହିକ ରାଜନୀତିକ ଗତିଶୀଳତାର ଏକ ଉଲ୍ଲେଖନୀୟ ମୁହୂର୍ତ୍ତକୁ ଉପସ୍ଥାପନ କରୁଛି । ନିଃସନ୍ଦେହରେ କୁହାଯାଇପାରେ ଯେ ସାମ୍ପ୍ରତିକ ଚାଷୀ ଆନ୍ଦୋଳନ ଏକ ନିଚ୍ଛକ ଗଣଆନ୍ଦୋଳନ । ବିଶେଷକରି ପଞ୍ଜାବ ପରିପ୍ରେକ୍ଷୀରେ ଏହାର ତାତ୍ପର୍ଯ୍ୟ ଢେର୍ ଅଧିକ କାରଣ ଶ୍ରେଣୀ ଏବଂ ରାଜନୀତିକ ମତବାଦ ନିର୍ବିଶେଷରେ ଏହି ରାଜ୍ୟରେ ନୂତନ କୃଷି ଆଇନ ବିରୁଦ୍ଧରେ ଦେଖା ଦେଇଛି ଅଭୂତପୂର୍ବ ପ୍ରତିକ୍ରିୟା । ଚାଷୀମାନଙ୍କୁ କେନ୍ଦ୍ର ସରକାର ଯେତେ ସଂଶୋଧନ କରିବାର ପ୍ରତିଶ୍ରୁତି ଦେଲେ ବି ସେମାନେ ଏହି ଆଇନର ପ୍ରତ୍ୟାହାର ବିନା କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହନ୍ତି କି ଆନ୍ଦୋଳନରୁ ହଟିବାକୁ ରାଜି ହେଉ ନାହାନ୍ତି । ଆଉ ଏଇଥିପାଇଁ ସେମାନେ ସେମାନଙ୍କର ପ୍ରତିବାଦକୁ ତୀବ୍ରତର କରି ଚାଲିଛନ୍ତି । ଅନ୍ୟ ପକ୍ଷରେ ସରକାର ବିଶ୍ୱାସ କରୁଛନ୍ତି ଯେ ଚାଷୀମାନଙ୍କର ଏହି ଆନ୍ଦୋଳନ ବିରୋଧୀ ରାଜନୀତିକ ତତ୍ତ୍ୱମାନଙ୍କ ହାତକୁ ଚାଲି ଯାଇଛି ଯେଉଁମାନେ ଏହି ସମସ୍ୟାର ସମାଧାନ କରିବାକୁ ପ୍ରସ୍ତୁତ ନୁହନ୍ତି । ଚାଷୀ ଆନ୍ଦୋଳନର ଶକ୍ତିଗୁଡ଼ିକ ସ୍ପଷ୍ଟ ହୋଇଥିବା ବେଳେ ଆନ୍ଦୋଳନ ସହିତ ଜଡ଼ିତ ସମସ୍ୟା ଅଧିକ ପରିମାଣରେ ରାଜନୀତିକ ନୁହେଁ, ବରଂ ସ୍ୱଳ୍ପ ପରିମାଣରେ ରାଜନୀତିକ । ରାଜନୀତିରେ ବିଭିନ୍ନ ପ୍ରକାରର କଳା କୌଶଳ ଅନ୍ତର୍ଭୁକ୍ତ ଏବଂ ଆନ୍ଦୋଳନ ସେଗୁଡ଼ିକ ମଧ୍ୟରୁ ଗୋଟିଏ ।

# ଆଶୀର୍ବାଦ ଓ ଅଭିଶାପ...

ଭାରତ ଏକ ମହାନ ଦେଶ । ଏହା ହଜାର ହଜାର ବର୍ଷର ସଂସ୍କୃତି, ପରମ୍ପରା, ଐତିହ୍ୟ, ଆଧ୍ୟାମ୍ନିକତା ଓ ଦର୍ଶନର ଗୁରୁଗାରିମାକୁ ଧାରଣ କରି ସମଗ୍ର ବିଶ୍ୱକୁ ଦିଗ୍ଦର୍ଶନ ଦେଇଆସିଛି । ପ୍ରାଚୀନତମ ଗ୍ରନ୍ଥ ବେଦ, ଉପନିଷଦ, ସଂହିତା ପ୍ରଭୃତିକୁ ବାଦ୍ ଦେଲେ ମହର୍ଷି ବାଲ୍ମୀକି ଓ କୃଷ୍ଣଦ୍ୱୈପାୟନ ମହର୍ଷି ବ୍ୟାସଦେବ ଯେଉଁ ମହାକାବ୍ୟ ଦୁଇଟି ରଚନା କରିଛନ୍ତି, ତାହା ସର୍ବକାଳର ଜୀବନ ଜିଜ୍ଞାସାର ଅଭ୍ରାନ୍ତ ଉତ୍ତର । କଥିତ ଅଛି- ବ୍ୟାସଦେବ ମହାଭାରତ, ଅଷ୍ଟାଦଶ ପୁରାଣ ରଚନା କରିସାରିବା ପରେ ମଧ୍ୟ ଆତ୍ମସନ୍ତୋଷ ପାଇନଥିଲେ । ସେ ଦୁଃଖରେ ଗଙ୍ଗାନଦୀ କୂଳରେ ବସିଥିବାବେଳେ ତାଙ୍କୁ ମହର୍ଷି ନାରଦ ତାଙ୍କ ଅସନ୍ତୋଷର କାରଣ ପଚାରି ଶ୍ରୀମଦ୍ ଭାଗବତ ରଚନା କରିବାକୁ ପରାମର୍ଶ ଦେଇଥିଲେ । ଯୁଧିଷ୍ଠିରଙ୍କର ଉତ୍ତରାଧିକାରୀ ରୂପେ ଅଭିମନ୍ୟୁଙ୍କ ପୁତ୍ର ପରୀକ୍ଷିତ ରାଜ ସିଂହାସନ ଆରୋହଣ କଲେ । ଥରେ ସେ ଯାଉଥିବାବେଳେ ବାଟରେ ଗୋଟିଏ ଷଣ୍ଢକୁ ଦେଖିଲେ, ଯାହାର ତିନିଟି ଗୋଡ଼ ନଥିଲା । ସେ ଗୋଟିଏ ଗୋଡ଼ରେ ଛିଡ଼ା ହୋଇଥିଲା । ତା' ପଛରେ ଛିଡ଼ା ହୋଇଥିଲା ଗୋଟେ ଦୁର୍ବଳ ଗାଈ, ଷଣ୍ଢଟି ଥିଲା ଧର୍ମଙ୍କର ଓ ଗାଈଟି ଥିଲା ପୃଥିବୀ ମାତା । ସେ ଦୁହିଁଙ୍କୁ ଶୂଦ୍ର ବେଶଧାରୀ ଜଣେ ବ୍ୟକ୍ତି ଖଣ୍ଡା ଧରି ମାରିବାକୁ ଉଦ୍ୟତ ଥିଲା । ଏ ବ୍ୟକ୍ତିଟି ଥିଲା କଳିଙ୍କର ପ୍ରତିରୂପ । ସତ୍ୟ, ତ୍ରେତୟା, ଦ୍ୱାପର ପରେ କଳି ପୃଥିବୀରେ ପ୍ରବେଶ କରିବାକୁ ଏହା ସୂଚିତ କରିଥାଏ । କଳି ପ୍ରବେଶ ଯୋଗୁଁ ପୃଥିବୀରେ ନାନା ଦୁର୍ଗତି । ଧର୍ମର କ୍ଷୟ । ରାଜା ପରୀକ୍ଷିତ କଳିକୁ ବିନାଶ କରିବା ପାଇଁ ନିଜ ତରବାରୀ ବାହାର କଲେ । କଳି ରାଜାଙ୍କ ଶରଣ ପଶି କହିଲା- କାଳଚକ୍ର ଅନୁଯାୟୀ ମୋର ଆଗମନ । ତେଣୁ ମୁଁ ମୋ କଳିଯୁଗ ଧର୍ମ ପାଳନ କରିବି । ମୋତେ ହତ୍ୟା କରନ୍ତୁ ନାହିଁ । ରାଜା ପରୀକ୍ଷିତ କହିଲେ– ଶରଣାଗତକୁ ହତ୍ୟା କରିବା ଅପରାଧ । ତେଣୁ ମୁଁ ତୁମକୁ ନିର୍ଦ୍ଦେଶ ଦେଉଛି– ମୋ ରାଜ୍ୟ ଛାଡ଼ି ଚାଲିଯାଅ । କଳି କହିଲା– ମୁଁ ଆପଣଙ୍କ ରାଜ୍ୟ ଛାଡ଼ି କୁଆଡ଼େ ଯିବି । ମତେ ଗୋଟେ ସ୍ଥାନ ଦିଅନ୍ତୁ, ମୁଁ ଯେଉଁଠି ରହିବି । ପରୀକ୍ଷିତଙ୍କ ନିର୍ଦ୍ଦେଶରେ ଓ କଳିଙ୍କର ଆଗ୍ରହରେ କଳି ରହିଲେ ଦ୍ୟୂତକ୍ରୀଡ଼ା, ମଦିରା, ବ୍ୟଭିଚାର, ହିଂସା ଓ ସୁବର୍ଣ୍ଣରେ । ସଂପ୍ରତି ସାରା ବିଶ୍ୱରେ ଯେଉଁ ଯୁଦ୍ଧ ବିଗ୍ରହ, ହିଂସା, ନିଶା, ବ୍ୟଭିଚାର ପ୍ରଭୃତି ଦେଖାଯାଉଛି ତାହା ଯେ ଘୋର କଳିର ପ୍ରାଦୁର୍ଭାବ,ଏ କଥା ଯେକୌଣସି ସଚେତନ ବ୍ୟକ୍ତି ସ୍ୱୀକାର କରିବେ । ଆଜି ସମାଜରେ ଅର୍ଥଲାଳସା, ନିଶା ସେବନ, ଭୋଗ ଲିପ୍ସା, ହିଂସାର ପ୍ରାବଲ୍ୟ ସ୍ମରଣ କରେଇ ଦେଉଛି ଭାଗବତର ଏହି ଉପାଖ୍ୟାନକୁ । ଯୁବମାନସ ଆଜି ବିଭ୍ରାନ୍ତ । ସେମାନଙ୍କ ମନରେ ଗୁରୁ ଗୁରୁଜନ, ପିତା ମାତା, ବୟସ୍କ, ଶିକ୍ଷାଗୁରୁ– କାହାର ଆଶୀର୍ବାଦ କିମ୍ବା ଅଭିଶାପ ପ୍ରତି ସମ୍ମାନ ନାହିଁ । ପ୍ରତ୍ୟହ ଯେତେ ହିଂସାର ଖବର ବାହାରୁଛି, ତାହା ଯେକୌଣସି ସଚେତନ ମଣିଷ ଦୁଃଖାଭିଭୂତ ହେବା ସ୍ୱାଭାବିକ । ରାଜା ପରୀକ୍ଷିତ ଅଭିଶାପଗ୍ରସ୍ତ ହୋଇ କିପରି ତକ୍ଷକ ଦଂଶନରେ ପ୍ରାଣ ବିସର୍ଜନ କରିଥିଲେ ତାହା ସମସ୍ତେ ଜାଣନ୍ତି । ଦିନେ ରାଜା ପରୀକ୍ଷିତ ମୃଗୟାକୁ ଯାଇ ଜଙ୍ଗଲରେ କ୍ଷୁଧାର୍ତ୍ତ ତୃଷାର୍ତ୍ତ ହୋଇ ଏଣେତେଣେ ଘୂରି ଘୂରି ଶମୀ ଋଷିଙ୍କ ଆଶ୍ରମରେ ପହଂଚିଥିଲେ । ସେତେବେଳେ ଋଷି ଧ୍ୟାନସ୍ଥ ଥିଲେ । ସମାଧିସ୍ଥ ଥିବାରୁ ସେ ରାଜାଙ୍କର ଆସିବା କଥା ଜାଣିପାରିଲେ ନାହିଁ । କ୍ଳାନ୍ତ ବିବଶ ରାଜା ଟୋପାଏ ପାଣି ପାଇଁ ତାଙ୍କୁ ଅନୁରୋଧ କଲେ । ଧ୍ୟାନସ୍ଥ ମୁନି କିଛି ଜାଣିପାରିଲେ ନାହିଁ । ରାଜା କ୍ରୋଧାନ୍ୱିତ ହୋଇ ଅଳ୍ପ ଦୂରରେ ପଡ଼ିଥିବା ଏକ ମୃତ ସର୍ପକୁ ଋଷିଙ୍କ ବେକରେ ପକାଇଦେଇ ନିଜ ରାଜପ୍ରାସାଦକୁ ଫେରି ଯାଇଥିଲେ । ଦୂରରେ ଖେଳୁଥିବା ଋଷିକୁମାର ଆସି ଦେଖିଲେ ଯେ, ନିଜ ପିତାଙ୍କ ଗଳାରେ ଏକ ମୃତ ସର୍ପ । ସେ ଏ ଅପମାନ ସହ୍ୟ କରିନପାରି ଅଭିଶାପ ଦେଲେ– ଯିଏ ମୋ ପିତାଙ୍କୁ ଏପରି ଅପମାନିତ କରିଛନ୍ତି, ସେ ସାତ ଦିନରେ ସର୍ପାଘାତରେ ମୃତ୍ୟୁବରଣ କରିବେ । ରାଜା ପରୀକ୍ଷିତ ଏ ସମ୍ୱାଦ ପାଇଲେ । ମୁନି ବାଳକଙ୍କ ଅଭିଶାପ କେବେ ବ୍ୟର୍ଥ ହେବାର ନୁହେଁ । ତେଣୁ ସେ ନିଜ ପୁତ୍ର ଜନ୍ମେଜୟଙ୍କୁ ରାଜଗାଦିରେ ଅଭିଷିକ୍ତ କଲେ । ରାଜା ପରୀକ୍ଷିତ ରାଜ୍ୟ ଓ ପରିଜନ ସମସ୍ତଙ୍କୁ ଛାଡ଼ି ଗଙ୍ଗାନଦୀ କୂଳକୁ ଚାଲିଗଲେ । ସେ ମୁନି ଋଷିମାନଙ୍କୁ ଭଗବାନଙ୍କ କଥା ଶୁଣାଇବା ପାଇଁ ଅନୁରୋଧ କଲେ । ଏହି ଅବସରରେ ପରମ ଜ୍ଞାନୀ ଅବଧୂତ ଶୁକଦେବ ଆସି ପହଚିଂଲେ ଓ ପରୀକ୍ଷିତଙ୍କ ପ୍ରାର୍ଥନାରେ ପ୍ରୀତ ହୋଇ ତାଙ୍କୁ ଭାଗବତ କଥା ଶୁଣାଇଥିଲେ । ରାଜାଙ୍କର ତିନିଟି ପ୍ରଶ୍ନ ଥିଲା– ମୃତ୍ୟୁକାଳ ଉପସ୍ଥିତ ହେଲେ ମନୁଷ୍ୟ କ'ଣ କରିବା ଉଚିତ, କ'ଣ ଶୁଣିବା ଉଚିତ ଓ କ'ଣ ଜପ କରିବା ଉଚିତ । ଶୁକଦେବଙ୍କ ଠାରୁ ଭାଗବତ କଥା ଶ୍ରବଣ କରି ତାଙ୍କର ମୃତ୍ୟୁ ଭୟ ଦୂର ହୋଇଗଲା । କିନ୍ତୁ ରାଜାଙ୍କ ଅଭିଶାପ ଯୋଗୁଁ ତକ୍ଷକ ଫଳ ଭିତରେ କୀଟ ରୂପରେ ଆସି ତାଙ୍କୁ ସପ୍ତମ ଦିନରେ ଦଂଶନ କଲେ । ପରୀକ୍ଷିତଙ୍କ ପୁତ୍ର ରାଜା ଜନ୍ମେଜୟ ସର୍ପମାରଣ ଯଜ୍ଞ କରିଥିଲେ ହେଁ ସର୍ପକୁଳ କିପରି ରକ୍ଷା ପାଇଲେ ସେ ସଂପର୍କରେ ଭାଗବତରେ ସବିଶେଷ ବର୍ଣ୍ଣନା ରହିଛି । ଏଠାରେ କହିବାର ତାତ୍ପର୍ଯ୍ୟ ହେଉଛି, କୌଣସି ଲୋକର ଆତ୍ମାର ଅଭିଶାପ କେବେ ବ୍ୟର୍ଥ ଯାଏନି । ଛୋଟ ହେଉ ବା ବଡ଼ ହେଉ, ଗରିବ ହେଉ ବା ଧନୀ ହେଉ, କାହା ପ୍ରାଣକୁ ଆଘାତ କରିବା ଅର୍ଥ ତା'ର ଅଭିଶାପର ଫଳ ଭୋଗ କରିବାକୁ ହେବ । ଏ ସଂପର୍କରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଆତ୍ମଜୀବନୀ 'ପଥ ଓ ପୃଥିବୀ'ରେ ମଧ୍ୟ ଗୋଟେ ଘଟଣା ଉଲ୍ଲେଖ ରହିଛି । ଗୋଟେ ସାଧାରଣ ଦୀନହୀନ ବୁଢ଼ୀଟିର ଅଭିଶାପ କିପରି ତାଙ୍କ ପରିବାରର ତିନି ପୁରୁଷଙ୍କୁ ଭୋଗ କରିବାକୁ ପଡ଼ିଥିଲା । ଅଭିଶାପ ଓ ଆଶୀର୍ବାଦର ଫଳ ସାତ ଦିନରେ ହେଉ ବା ସାତ ବର୍ଷ ହେଉ, ଭୋଗିବାକୁ ହିଁ ହେବ । ଆଜିର କ୍ଷମତା ମଦମତ୍ତ, ଉନ୍ମାଦ, ଉଦଣ୍ଡ, ବହୁ ଯୁବକ ଅନ୍ୟକୁ ମରଣାନ୍ତକ ପୀଡ଼ା ଦେଉଛନ୍ତି ଓ ଆସୁରିକ ଆନନ୍ଦ ଲାଭ କରୁଛନ୍ତି । ସେମାନେ କେବେ ବି ଭାବୁନାହାଁନ୍ତି ପୀଡ଼ିତ ବା ପୀଡ଼ିତାର ଆତ୍ମାର ଅଭିଶାପକୁ ଗୋଟିଏ ଜନ୍ମରେ ହେଉ ବା ପରଜନ୍ମରେ ହେଉ, ଦିନେ ନା ଦିନେ ଭୋଗ କରିବାକୁ ପଡ଼ିବ । ବୃଦ୍ଧ ପିତାମାତାଙ୍କୁ ପୀଡ଼ା ଦେଲାବେଳେ ଭୁଲି ଯାଉଛନ୍ତି ସେମାନେ ବି ଦିନେ ବୃଦ୍ଧାବସ୍ଥା ଭୋଗ କରିବେ । ସେମାନଙ୍କ ଆଖିର ଲୁହ ତାଙ୍କ ସମସ୍ତ ପୁଣ୍ୟ ଫଳକୁ ବିନଷ୍ଟ କରିଦେବ । ଅଭିଶାପ ପରି ଆଶୀର୍ବାଦର ମଧ୍ୟ ଗୁରୁତ୍ୱ ରହିଛି । ମହାଭାରତରେ ଉଲ୍ଲେଖ ଅଛି– ମହାଭାରତ ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଦୁର୍ଯ୍ୟୋଧନ ପିତାମହ ଭୀଷ୍ମଙ୍କୁ ଝିଂଗାସୀ କହିଲା ଯେ, ତୁମେ ପାଣ୍ଡବମାନଙ୍କ ପ୍ରତି ଅଧିକ ସ୍ନେହାନୁବନ୍ଧିତ ହୋଇଥିବାରୁ ତୁମ ପରି ବୀର ଥାଉ ଥାଉ କୌରବ ବଂଶ ଧ୍ୱଂସ ହେବାରେ ଲାଗିଛି । ଏ କଥା ଶୁଣି ଭୀଷ୍ମ ପ୍ରତିଜ୍ଞା କଲେ– କାଲି ଯୁଦ୍ଧରେ ସେ ଧରିତ୍ରୀକୁ ଅପାଣ୍ଡବା କରିଦେବେ । ଏ ଖବର ପାଣ୍ଡବମାନଙ୍କ ଶିବିରରେ ପହଚିଂଗଲା । ପାଣ୍ଡବମାନେ ଆତଙ୍କ ଓ ଭୟରେ ଜଡ଼ସଡ଼ । ଭଗବାନ କୃଷ୍ଣ କହିଲେ– ଦ୍ରୌପଦୀ ତୁମେ ମୋ ସାଙ୍ଗରେ ଚାଲ । ଦୁହେଁ ଯାଇ ରାତ୍ରିର ପ୍ରାରମ୍ଭରେ ପିତାମହ ଭୀଷ୍ମଙ୍କ ଶିବିର ପାଖରେ ପହଚିଂଗଲେ । କୃଷ୍ଣ ଶିବିର ବାହାରେ ଲୁଚି ରହି ଦ୍ରୌପଦୀଙ୍କୁ କହିଲେ– ତୁମେ ପିତାମହଙ୍କ ଶିବିର ଭିତରକୁ ଯାଇ ପ୍ରଣାମ କର । ଦ୍ରୌପଦୀ ତାହା ହିଁ କରିବା ମାତ୍ରେ ଭୀଷ୍ମ ଆଶୀର୍ବାଦ ଦେଲେ– ସୌଭାଗ୍ୟବତୀ ଭବ । ପର ମୁହୂର୍ତ୍ତରେ ତାଙ୍କର ସ୍ମରଣ ହେଲା– ମୁଁ ତ କାଲି ଏ ପୃଥିବୀକୁ ଅପାଣ୍ଡବା କରିବି ବୋଲି ପ୍ରତିଜ୍ଞା କରିଥିଲି । ଏବେ ଦ୍ରୌପଦୀଙ୍କୁ ଏପରି ଆଶୀର୍ବାଦ କରିବା ଅର୍ଥ, ପାଣ୍ଡବମାନେ ଜୀବିତ ରହିଲେ ଦ୍ରୌପଦୀ ସୌଭାଗ୍ୟବତୀ ହେବେ । ଯୁଦ୍ଧର ଅନ୍ତିମ ଫଳାଫଳ କ'ଣ ହେଲା, ତାହା ସମସ୍ତେ ଜାଣନ୍ତି । କହିବାର କଥା, ଅଭିଶାପ ଓ ଆଶୀର୍ବାଦ ଉଭୟ ଆତ୍ମାରୁ ଆସେ । ଆନନ୍ଦ ଦେବା ହେଉ ବା କଷଣ ଦେବା ହେଉ, ଉଭୟର ଫଳ ଭୋଗ କରିବାକୁ ହୋଇଥାଏ ।

# ଷ୍ଟିଭ ଜବ୍‌ସଙ୍କ ବିନ୍ଦୁ



ଇତିମଧ୍ୟରେ ଗଭୀର ଭାବେ ମ୍ରିୟମାଣ ଭିନେଶ କୁସ୍ତିରୁ ଅବସର ଘୋଷଣା କରି ଦେଇଛନ୍ତି । ପଦକଶୂନ୍ୟ ଭାବେ ସେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ ନିଶ୍ଚୟ, କିନ୍ତୁ ଯୁଇ ଶୁଶାକିଙ୍କ ସମେତ ଆଉ ଦୁଇ ଜଣ ବିଶ୍ୱସ୍ତରୀୟ କୁସ୍ତି ଖେଳାଳିଙ୍କୁ ସେ ପରାସ୍ତ କରିଥିବାର ବାସ୍ତବତାର ବିଲୟ କଦାପି ଘଟିବ ନାହିଁ । କାରଣ ଯୁଇ ଶୁଶାକି ଓ ଅନ୍ୟମାନଙ୍କୁ ପରାସ୍ତ କଲା ବେଳକୁ ତାଙ୍କ ଓଜନ ଥିଲା ୪୯.୯ କିଲୋଗ୍ରାମ ! ଗଲା ବୁଧବାର ଦିନ ଭାରତୀୟ ମହିଳା ମଲ୍ଲଯୋଦ୍ଧା ଭିନେଶ ଫୋଗଟଙ୍କ ଜୀବନରେ ଯେଉଁ ଅତ୍ୟନ୍ତ ନିଦାରୁଣ ହୃଦୟ-ଭଗ୍ନକାରୀ ଘଟଣାଟି ଘଟିଗଲା, ତା' ଉପରେ ସମ୍ୟକ ଦୃଷ୍ଟିପାତ କଲେ 'ଆପଲ୍' କଂପାନିର ପ୍ରତିଷ୍ଠାତା ଷ୍ଟିଭ ଜବ୍‌ସଙ୍କ ପ୍ରସିଦ୍ଧ ଉକ୍ତିଟିଏ ସ୍ମରଣକୁ ଆସିଥାଏ ଯେ କୌଣସି ଘଟଣା ଘଟିଗଲା ପରେ ପଶ୍ଚାତ୍-ଅବଲୋକନ କରି ତାହା ପଛରେ ରହିଥିବା କାରଣର ବିନ୍ଦୁଗୁଡ଼ିକୁ ଯୋଡ଼ି ଚାଲିଲେ ଅଗତ୍ୟା ସଂପୂର୍ଣ୍ଣ ଚିତ୍ରଟିକୁ ଦେଖି ହୋଇଥାଏ, ଯାହା ହୁଏ'ତ ପ୍ରତୀତ ହୋଇପାରେ ନିୟତିର ବିଧାନ ଭଳି ! ତେବେ, ସେ ଯାହା ହେଉ, ସୁଦୂର ପ୍ୟାରିସ୍‌ରେ ଭିନେଶ ଭୋଗିଥିବା ଦୁର୍ଭାଗ୍ୟ ଅବଲୀଳା କ୍ରମେ ସମଗ୍ର ରାଷ୍ଟ୍ରକୁ ଗଭୀର ବିଷଣ୍ଣତା ମଧ୍ୟକୁ ଠେଲି ଦେଇଛି; କୁସ୍ତିରେ ସ୍ୱର୍ଣ୍ଣ ପଦକ ଜିଣିବାର ଅତୁଲ୍ୟ ସ୍ୱପ୍ନ ସଂଚାର କରିଥିବା ଭିନେଶ ସଂପୂର୍ଣ୍ଣ ରିକ୍ତ ହସ୍ତରେ ସ୍ୱଦେଶ ବାହୁଡ଼ିବାକୁ ବାଧ୍ୟ ହୋଇଛନ୍ତି । କେବଳ ସେତିକି ନୁହେଁ, ଏହା ପଛରେ ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ଦଳଙ୍କ ଦ୍ୱାରା ସୃଷ୍ଟ ଉଚ୍ଚାଟ ଦ୍ୱାରା ସନ୍ଦେହର ଯେଉଁ ଘନ କୁହୁଡ଼ି ଘୋଟି ଆସିଛି, ତହିଁରେ ପରିଷ୍କାର ଦୃଷ୍ଟି ସକାଶେ ଏ ସଂଦର୍ଭରେ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ଭଳି ମନେ ହୋଇଥାଏ । ଏହା ବର୍ତ୍ତମାନ ସୁବିଦିତ ଯେ ୫୦ କିଲୋଗ୍ରାମ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ପାଇଁ ଚୂଡ଼ାନ୍ତ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ପୂର୍ବରୁ ହୋଇଥିବା ଓଜନ ମାପରେ ଭିନେଶଙ୍କ ଓଜନ ମାତ୍ର ଶହେ ଗ୍ରାମ ଅଧିକ ଥିବା ଦୃଷ୍ଟିରୁ ତାଙ୍କୁ ସଂପୂର୍ଣ୍ଣ ଟୁର୍ନାମେଂଟ ଲାଗି ଅଯୋଗ୍ୟ ଘୋଷଣା କରି ଦିଆଗଲା । ଏହା ସହିତ ପ୍ରଥମ ଦିନର ପ୍ରାରମ୍ଭିକ ତିନିଟି କୁସ୍ତି ମ୍ୟାଚ୍‌ରେ ଭିନେଶଙ୍କ ଚମକପ୍ରଦ ପ୍ରଦର୍ଶନ ମଧ୍ୟ ନିରର୍ଥକ ହୋଇଯାଇଛି, ଯହିଁରେ ଅନ୍ତର୍ଭୁକ୍ତ କ୍ରମାଗତ ୮୨ଟି ମଲ୍ଲଯୁଦ୍ଧରେ ଅପରାଜେୟ ରହି ଆସିଥିବା ବିଶ୍ୱ ଓ ଅଲିଂପିକ୍ ଚାଂପିଅନ ତଥା କୈବଦନ୍ତିକ ଜାପାନୀ ମଲ୍ଲଯୋଦ୍ଧା ଯୁଇ ଶୁଶାକିଙ୍କ ପରାଜୟ । ଅନେକଙ୍କ ଦୃଷ୍ଟିରେ ଏଭଳି ନିଷ୍ପତି ଅତ୍ୟନ୍ତ ନିଷ୍ଠୁର ହୋଇଥିଲେ ହେଁ ଏହା ହିଁ ଅଲିଂପିକ ମଲ୍ଲଯୁଦ୍ଧର ନିୟମ, ଯାହା ଅନୁସାରେ ଦୁଇ ଦିନର ଏହି କୁସ୍ତି ମ୍ୟାଚ୍‌ଗୁଡ଼ିକୁ ଗୋଟିଏ ଶୃଙ୍ଖଳା ବୋଲି ବିଚାର କରାଯାଏ, ଯହିଁରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ଓଜନ ସର୍ବମୋଟ ଦୁଇ ଥର ମାପ କରାଯାଇଥାଏ ଏବଂ ଯଦି କୌଣସି ଖେଳାଳି ଅଗତ୍ୟା ଦ୍ୱିତୀୟ ତଥା ଚୂଡ଼ାନ୍ତ ଓଜନ ମାପରେ ବିଫଳ ହୁଅନ୍ତି, ତେବେ ତାଙ୍କ ସକାଶେ ପ୍ରଥମ ଦିନର ଶ୍ରେୟଗୁଡ଼ିକ ମଧ୍ୟ ମୂଲ୍ୟହୀନ ହୋଇଯାଆନ୍ତି । ସୁତରାଂ, ପ୍ରଥମ ଦିନ ୪୯.୯ କେ.ଜି. ଓଜନ ଧାରଣ କରି ଅତ୍ୟନ୍ତ ସଫଳତାର ସହିତ ପଦକ ବିଜୟ ଯାତ୍ରା ପ୍ରାରମ୍ଭ କରିଥିବା ବିନେଶ ଦ୍ୱିତୀୟ ଓ ଚୂଡ଼ାନ୍ତ ଓଜନ ମାପରେ ୫୦.୧ କେ.ଜି. ହୋଇଯାଇ ଅଯୋଗ୍ୟ ଘୋଷିତ ହୋଇଛନ୍ତି । ତେବେ, ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱ କୁସ୍ତି ଚାଂପିଅନ୍‌ସିପ୍ ବା ଅନ୍ୟ ଅନ୍ତର୍ଜାତୀୟ କୁସ୍ତି ପ୍ରତିଦ୍ୱନ୍ଦ୍ୱିତାରେ ୨ କେ.ଜି.ର ଅଧିକ ଓଜନ ସହନୀୟ ହୋଇଥିବା ବେଳେ ଅଲିଂପିକ୍ସରେ ଅଣୁ ଅଂଶର ଆଧିକ୍ୟକୁ ମଧ୍ୟ ବରଦାସ୍ତ କରାଯାଇ ନ ଥାଏ । ତେଣୁ ଭିନେଶଙ୍କ ସକାଶେ ସମ୍ଭାବନାର ସମସ୍ତ ଦ୍ୱାର ଅବରୁଦ୍ଧ ହୋଇଯାଇଥିଲା । ଏବେ ପ୍ରଥମ ପ୍ରଶ୍ନ ଉଠିଥାଏ ଯେ ପୁଷ୍ଟି ବିଶେଷଜ୍ଞ, ଡାକ୍ତର ଓ ଫିଜିଓଥେରାପିଷ୍ଟ ଇତ୍ୟାଦିଙ୍କୁ ଘେନି ଏକ ସମର୍ପିତ ସହାୟକ ଦଳ ଥିବା ସତ୍ତ୍ୱେ ଏଭଳି ବିଚ୍ୟୁତି ଘଟିଲା କେମିତି ? ପ୍ରଥମ କଥା ହେଲା ମଲ୍ଲ ଓ ମୁଷ୍ଟି ଯୋଦ୍ଧାମାନଙ୍କ ଏଭଳି ନିଖୁଣ ଓଜନ ବଜାୟ ରଖିବା ଆହାର, ଅଭ୍ୟାସ ଓ ଶୟନର ଅତ୍ୟନ୍ତ ସୂକ୍ଷ୍ମ ଓ ଜଟିଳ ଶୃଙ୍ଖଳା ଲୋଡ଼ିଥାଏ । ଏଥର ଭିନେଶଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥିଲା ଯେ ସେ ତାଙ୍କର ପ୍ରିୟ ୫୩ କେ.ଜି. ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ନ କରି ୫୦ କେ.ଜି. ଓଜନ ବର୍ଗରେ ଅଂଶ ଗ୍ରହଣ କରିବା ଲାଗି ସ୍ଥିର କରିଥିଲେ, ଯାହାର ଅର୍ଥ ତାଙ୍କ ହାରାହାରି ଓଜନ ୫୬ କେ.ଜି.ରେ ପ୍ରାୟ ୭ କେ.ଜି. ହ୍ରାସ ଘଟାଇବା ତାହା ପୁଣି ଛଅ ମାସର ପ୍ରସ୍ତୁତି ଅବଧିରେ । ଏହି ଉଦ୍ୟମରେ ତାଙ୍କ ଶରୀର ଅତ୍ୟନ୍ତ ଶୁଷ୍କ ଓ କ୍ଷୁଧିତ ସ୍ଥିତିରେ ରହିଥିଲା । ଏଭଳି ସ୍ଥଳେ ଅଧିକ କ୍ୟାଲୋରିର ଆହାର ତତ୍‌କ୍ଷଣାତ୍ ଶରୀରର ଓଜନରେ ବୃଦ୍ଧି ଘଟାଇଥାଏ । ସୁତରାଂ, ପ୍ରଥମ ଦିନର ମ୍ୟାଚ୍‌ଗୁଡ଼ିକ ପୂର୍ବରୁ ଅଧିକ ଶକ୍ତି ଆହରଣ ଲାଗି ଭିନେଶ କରିଥିବା ଉଚ୍ଚ କ୍ୟାଲୋରିଯୁକ୍ତ ଭୋଜନ ତାହା ହିଁ ଘଟାଇଥିଲା, ଯହିଁରେ ମାତ୍ର ଗୋଟିଏ ଦିନରେ ତାଙ୍କ ଓଜନରେ ୨.୭ କେ.ଜି. ବୃଦ୍ଧି ହୋଇଯାଇଥିଲା । ତେଣୁ ସେଥିରେ ତୁରନ୍ତ ସଂକୋଚନ ଆଣିବା ଲାଗି ସେ ଓ ତାଙ୍କ ସହାୟକ ଦଳ ସାରା ରାତି ପ୍ରାଣମୂର୍ଚ୍ଛା ଉଦ୍ୟମ କରିଥିଲେ ହେଁ ମାତ୍ର ଶହେ ଗ୍ରାମର ଅତିରିକ୍ତ ଓଜନ ବଳି ପଡ଼ିଥିଲା, ହୁଏତ ଗୋଟିଏ ସାବୁନର ଓଜନତୁଲ୍ୟ ମାମୁଲି, ଅଥଚ ପାଦ ତଳୁ ମାଟି ଖସାଇଦେଲା ଭଳି ! ଓଜନ ହ୍ରାସର 'କର ବା ମର' ଉଦ୍ୟମ କ୍ରମରେ ଭିନେଶଙ୍କ କେଶଗୁଚ୍ଛକୁ କଟା ଯାଇଥିଲା, ଶରୀରକୁ ସଂପୂର୍ଣ୍ଣ ଜଳଶୂନ୍ୟ କରି ଦିଆଯାଇଥିଲା, ଏପରିକି କିଛି ରକ୍ତ ବାହାର କରି ନେବାର ପ୍ରଚେଷ୍ଟା ମଧ୍ୟ ହୋଇଥିଲା, ଯାହା ତାଙ୍କ ପ୍ରାଣ ପ୍ରତି ବିପଦ ସୃଷ୍ଟି କରିଥିଲା । କିନ୍ତୁ ଶହେ ଗ୍ରାମର ଓଜନ ତଥାପି ଅଟଳ ରହିଯାଇଥିଲା ! ଏବେ ଦ୍ୱିତୀୟ ପ୍ରଶ୍ନ ହେଲା, ଭିନେଶ ନିଜର ପ୍ରିୟ ୫୩ କେ.ଜି. ଓଜନ ବର୍ଗରେ ନ ଖେଳି ୫୦ କେ.ଜି. ଓଜନ ବର୍ଗରେ ଅଂଶ ଗ୍ରହଣ କରିବାର ନିଷ୍ପତି ନେଲେ କାହିଁକି ? ଏହା ତାଙ୍କର ପସନ୍ଦ ଥିଲା ନା ଥିଲା ଏକ ବାଧ୍ୟବାଧକତା ଏଠାରେ ଆଲୋଚନାକୁ ଆସିଥାଏ ଗଲା ବର୍ଷ ଦିଲ୍ଲୀ ସଡ଼କରେ ଭିନେଶ ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ତଥା ଅଲିଂପିକ୍ ପଦକ ବିଜେତା ମଲ୍ଲଯୋଦ୍ଧାମାନଙ୍କର ପ୍ରାୟ ଏକ ବର୍ଷ ବ୍ୟାପୀ ପ୍ରତିବାଦ ଧାରଣା, ଯାହାର କେନ୍ଦ୍ର ବିନ୍ଦୁ ଥିଲା ଭାରତୀୟ କୁସ୍ତି ମହାସଂଘର ପୂର୍ବତନ ଅଧ୍ୟକ୍ଷ ତଥା ବିଜେପିର ବାହୁବଳୀ ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କ ଦ୍ୱାରା ମହିଳା କୁସ୍ତିବିତ୍‌ମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡ଼ନର ଅଭିଯୋଗ । ଏହି କାରଣରୁ ଭିନେଶ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ସମେତ ଆଉ କେତେକ ଆନ୍ତର୍ଜାତିକ କ୍ରୀଡ଼ା ଶୃଙ୍ଖଳାରେ ଅଂଶ ଗ୍ରହଣ କରିବାରୁ ବଂଚିତ ହୋଇଥିଲେ । ଏହି କାରଣରୁ ୫୩ କେ.ଜି. ଓଜନ ବର୍ଗରେ ଅଲିଂପିକ୍‌ରେ ଅଂଶଗ୍ରହଣ କରିବାର ଯୋଗ୍ୟତା ଅନ୍ତିମ ପାଙ୍ଘାଲଙ୍କ ନିକଟକୁ ଚାଲିଯାଇଥିଲା ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

